# Akashvani, Sambalpur

## SAMBALPURI NEWS EVENING BULLETIN

## 8 March 2026-7.02- 7.12 pm.

---

୧- ମହିଳାମାନ୍‌କର୍  ଭାଗିଦାରୀ ଆଉ ନେତୃତ୍ୱ ଦେଶ୍‌କେ ବିକାଶ୍‌ର ରାହାଥି ଆଗ୍‌କେ ନଉଛେ- କହେଲେ ରାଷ୍ଟ୍ରପତି ।

- 'ମହିଳା ଆଉ ଟୁକେଲ୍ ଛୁଆମାନ୍‌କର୍ ଲାଗି ଅଧିକାର, ନ୍ୟାୟ ଆଉ ତା'ର୍ କାର୍ଯ୍ୟକାରିତା' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ମହିଳା ଦିବସ୍ ।

୨- ରାଜ୍ୟର୍ ୧ କୋଟି ୨ ଲାଖ୍ ନୁ ଅଏତ୍‌କା ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜ୍‌ନାର୍ ୪ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ଦେଲେ ମୁଖ୍ୟମନ୍ତ୍ରୀ ।

୩- ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏବା କାଏଲ୍‌ଠାନୁ ହେବା ମୁଲ୍  ।

୪- ସମ୍ବଲ୍‌ପୁର୍ ଠାନେ ଥାପ୍‌ନା ହେବା ସିଜିଏଚ୍‌ଏସ୍ ୱେଲ୍‌ନେସ୍ ସେଂଟର୍ ।

ଆଉର୍

୫- ଆଇସିସି ଟି-ଟ୍ୱେଂଟି ପୁରୁଷ ବିଶ୍ୱକପ୍ କ୍ରିକେଟ୍‌ର ଫାଇନାଲ୍ ମେଚ୍‌ଥି ଭାରତ୍ ଆଉ ନ୍ୟୁଜିଲାଣ୍ଡ୍ ଭିତ୍‌ରେ ଚାଲିଛେ ମୁକାବିଲା ।

ଅନ୍ତର୍ଜାତୀୟ ମହିଳା ଦିବସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମାଜ୍‌ର ଭିନ୍ ଭିନ୍ କ୍ଷେତ୍ରଥି ମହିଳାମାନ୍‌କର୍ ଅବଦାନ୍ ଆଉ ସଫଲତାକେ ସମ୍ମାନ୍ ଦେବାର୍ ଲାଗି ଆଏଜ୍ ଅନ୍ତର୍ଜାତୀୟ ମହିଳା ଦିବସ୍ ପାଲନ୍ କରାଯାଉଛେ । ନାରୀ ସଶକ୍ତିକରଣ୍ ଗୁଟେ ସାମାଜିକ୍ ଲକ୍ଷ୍ୟ ସହେତେ ସ୍ଥାୟୀ ବିକାଶ୍‌ର ମୁଲ୍‌ଦୁଆ ଆଏ । ମହିଳାମାନେ ଶିକ୍ଷିତ୍, ଆତ୍ମବିଶ୍ୱାସୀ, ଆର୍ଥିକ୍ ଦୃଷ୍ଟିନୁ ସ୍ୱାବଲମ୍ବୀ ଆଉ ନିଜେ ନିଷ୍ପତି ନେଇପାର୍‌ଲେ ଗୁଟେ ପ୍ରଗତିଶୀଳ ରାଷ୍ଟ୍ର ଗଠନ୍ ଭୂମିକାଥି ସାହାଜ୍ କରିପାର୍‌ବେ । ଇ ବଛର୍ ଆଝିର୍ ଦିବସ୍‌ର ବାର୍ତା ରହିଛେ, 'ମହିଳା ଆଉ ଟୁକେଲ୍ ଛୁଆମାନ୍‌କର୍ ଲାଗି ଅଧିକାର, ନ୍ୟାୟ ଆଉ ତା'ର୍ କାର୍ଯ୍ୟକାରିତା ।

ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ଶୁନୁନ୍ ଗୁଟେ ଖାସ୍ ରିପୋର୍ଟ...

ସାରା ପୁର୍‌ଥି ନ ମହିଲା ଅଧିକାର୍‌କେ ବର୍‌କସ୍ କର୍‌ବାର୍, ନ୍ୟାୟ ମିଲ୍‌ବାର୍‌ଟାକେ ସୁନିର୍ଶ୍ଚିତ୍ କର୍‌ବାର୍ ଆଉ ଲିଙ୍ଗଗତ ସମାନତା ଲାଗି କାମ୍‌କେ ତୁର୍‌ତି କର୍‌ବାର୍ ଆବଶ୍ୟକତା ଉପ୍‌ରେ ଇ ଦିବସ୍ ଜୋର୍ ଦଉଛେ । ୧୯୭୫ ମସିହାଥି ମିଲିତ୍ ଜାତିସଂଘର୍ ସାଧାରଣ ପରିଷଦ୍ ଆଝିର୍ ଦିନ୍‌କେ ମହିଲା ଦିବସ୍ ଭାବେ ପାଲନ୍ କର୍‌ବାର୍‌କେ ସ୍ୱୀକୃତି ଦେଇଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନ୍ତର୍ଜାତୀୟ ମହିଲା ଦିବସ୍‌ର ଶୁଭେଚ୍ଛା ଜନେଇକରି କହିଛନ୍, ଶିକ୍ଷିତ୍ ଆଉ ସଶକ୍ତ ମହିଲାମାନେ ଗୁଟେ ପ୍ରଗତିଶୀଳ ରାଷ୍ଟ୍ରର୍ ମେରୁଖୁମ୍ ଆନ୍ ।

ନୂଆଦିଲ୍ଲୀ ନ ଅନ୍ତର୍ଜାତୀୟ ମହିଲା ଦିବସ୍ ଅବ୍‌ସରେ ହେଇଥିବା ଗୁଟେ ସମାରୋହକେ ସମ୍ବୋଧିତ୍ କରିକରି ରାଷ୍ଟ୍ରପତି କହିଛନ୍, ଇହାଦେ ମହିଲାମାନେ ଇସବୁ କ୍ଷେତ୍ରଥି ନେତୃତ୍ୱ ନେଉଛନ୍ । ଉଦ୍ୟୋଗ୍ ଜଗତ୍ ଠାନୁ ମୁଲ୍ କରିକରି କେର୍ପୋରେଟ କ୍ଷେତ୍ରଥି ମହିଲାମାନ୍‌କର୍ ଭାଗିଦାରୀ ଆଉ ନେତୃତ୍ୱ ଦେଶ୍‌କେ ବିକାଶ୍‌ର ରାହାଥି ଆଗ୍‌କେ ନେଉଛେ ।

ଇ ଅବ୍‌ସରେ ରାଷ୍ଟ୍ରପତି ବେଟି ବଚାଓ- ବେଟି ପଢ଼ାଓ, ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନା ଆଉ ମିଶନ୍ ଶକ୍ତି ବାଗିର୍ ଯୋଜ୍‌ନା

ମହିଳାମାନ୍‌କୁ କେନ୍ତାକରି ସଶକ୍ତ କରିପାରିଛେ, ସେ ବାବ୍‌ଦେ କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନାବାର୍ ସହେତେ ଦେଶର୍ ନାରୀଶକ୍ତିର୍ ସଫଲତାକେ ଗର୍ବର୍ ଉତ୍ସବ ବଲି କହିଛନ୍ । ରାଷ୍ଟ୍ର ନିର୍ମାଣ କ୍ଷେତ୍ରଥି ମହିଳାମାନେ ପରିବର୍ତନ୍‌କାରୀ ଭୂମିକା ନଉଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଦିବସ୍ ଅବ୍‌ସରେ ତାଙ୍କର୍ ବାର୍ତାଥି କହିଛନ୍, ରାଜ୍ୟ ସର୍‌କାର୍ ମହିଳାମାନ୍‌କର୍ ସଶକ୍ତିକରଣ୍‌କେ ଅଏତ୍‌କା ଜୋର୍ ଦେଉଛନ୍ । ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସୁପ୍ରିତୀ ମିଶ୍ର ।

ଅନ୍ତର୍ଜାତୀୟ ମହିଳା ଦିବସ୍-୧ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ସଦର୍ ମହକୁମା ଆଉ ଅନୁଷ୍ଠାନ୍ ନ ସର୍‌କାରୀ ଆଉ ବେସର୍‌କାରୀ ସଂସ୍ଥା ମାନ୍‌କେ ଅନ୍ତର୍ଜାତୀୟ ମହିଳା ଦିବସ୍ ପାଲନ୍ କରାଯାଉଛେ ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଉ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ୍, କଟକ୍ ଜିଲ୍ଲା, ଦେୱାନୀ ଆଉ ଫୌଜଦାରୀ ନ୍ୟାୟାଳୟ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍, କଟକ୍ ଆଉ କଟକ୍ ଜିଲ୍ଲା ପ୍ରଶାସନ୍‌ର ମିଲିତ୍ ସହଯୋଗ୍‌ଥି ଅନ୍ତର୍ଜାତୀୟ ମହିଲା ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଓଡ଼ିଶା ଉଚ୍ଚ ନ୍ୟାୟାଳୟର୍ ବିଚାର୍‌ପତି ଆଉ ଆଇନ୍‌ସେବା ପ୍ରାଧିକରଣ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ୍ ମାନସ୍ ରଞ୍ଜନ୍ ପାଠକ୍, ବିଚାର୍‌ପତି ଜଷ୍ଟିସ୍ କୃଷ୍ଣରାମ୍ ମହାପାତ୍ର ଆଉ ଓଡ଼ିଶା ଉଚ୍ଚ ନ୍ୟାୟାଳୟର୍ ଅଲ୍‌ଗା ବିଚାର୍‌ପତିମାନେ ଯୋଗ୍ ଦେଇଥିଲେ ।

ମହିଲା ଦିବସ୍- ଜିଲ୍ଲା ନୂଆପଡ଼ା/ ସୁବର୍ଣ୍ଣପୁର୍/ ଦେବ୍‌ଗଡ଼୍

ନୂଆପଡ଼ା ଜିଲ୍ଲା ନ ମହିଲା ଦିବସ୍ ଅବ୍‌ସରେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଗୁଟେ ଶିବିର୍‌ର ଆୟୋଜନ୍ କରାଯାଇକରି ୩ ଶହ ୯୧ ଝନ୍ ଟୁକେଲ୍ ଛୁଆ ଆଉ ମହିଲାଙ୍କୁ ଆତ୍ମରକ୍ଷା, ଯୋଗ ଆଉ ଶାରୀରିକ୍ ବ୍ୟାୟାମ୍ ଉପ୍‌ରେ ତାଲିମ୍ ଦିଆଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ କ୍ରୀଡ଼ା ବିଭାଗ୍ ତର୍‌ଫୁ ସୁରେଶ୍ୱରୀ ମନ୍ଦିର୍ ନୁ ସୋନ୍‌ପୁର୍ ମହାବିଦ୍ୟାଳୟତକ୍ ଗୁଟେ ଶକ୍ତି ପଦଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ଆଉ ଆରକ୍ଷୀ ଅଧିକ୍ଷକ୍ ନାରାୟଣ୍ ନାଏକ୍ ଇ ପଦଯାତ୍ରାକେ ଶୁଭାରମ୍ଭ କରିଥିଲେ । ଜିଲ୍ଲା କ୍ରୀଡ଼ା ବିଭାଗ୍ ତର୍‌ଫୁ ହେଇଥିବା ୩ ଦିନିଆ ଅନ୍ତର୍ଜାତୀୟ ମହିଳାଦିବସ୍ ପାଲନ୍‌ର ଆଏଜ୍ ଶେଷ୍ ଦିନ୍ ଥିଲା ।

ଦେବଗଡ଼୍ ଜିଲ୍ଲା କ୍ରୀଡ଼ା ବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ଶକ୍ତିର ଗତି ରାଷ୍ଟ୍ରର୍ ପ୍ରଗତି ଶକ୍ତି ପଦଯାତ୍ରା ହେଇଯାଇଛେ । ପଦଯାତ୍ରାକେ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ଶୁଭାରମ୍ଭ କରିଥିଲେ । ଇ ପଦଯାତ୍ରା ସହର୍ ପରିକ୍ରମା କରିକରି ଦେବ୍‌ଗଡ଼୍  ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ପୁହୁଁଚିଥିଲା ।

ସୁଭଦ୍ରା         ଆର୍‌ଏନ୍‌ୟୁ/ ସମ୍ବଲପୁର

ନାରୀଶକ୍ତିକେ ସଶକ୍ତ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ସବୁବେଲେ କାମ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପୁରୀ ତାଲବଣିଆ ପଡ଼ିଆ ନ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଅନ୍ତର୍ଜାତୀୟ ମହିଲା ଦିବସ୍ ଅବ୍‌ସରେ ସୁଭଦ୍ରା ଯୋଜ୍‌ନାର୍ ୪ ନମ୍ବର୍ କିସ୍ତି ବାବ୍‌ଦେ ୧ କୋଟି ୨ ଲାଖ୍ ୧୨ ହଜାର୍ ୬ ଶହ ୬୫ ଝନ୍ ମହିଲା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ୫ ହଜାର୍ ଟଙ୍କା ଲେଖା ଆର୍ଥିକ୍ ସାହାଜ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ମହିଲାମାନ୍‌କୁ ଆର୍ଥିକ୍ ଆଉ ସାମାଜିକ୍ କ୍ଷେତ୍ରଥି ସ୍ୱାବଲମ୍ବୀ କର୍‌ବାର୍ ସହେତେ ବିକଶିତ୍ ଓଡ଼ିଶାର୍ ଲକ୍ଷ୍ୟକେ ସର୍‌କାର୍ ସାକାର୍ କରୁଛନ୍ । ସୁଭଦ୍ରା ଯୋଜ୍‌ନା ରାଜ୍ୟର୍ ମହିଲା ଶକ୍ତିର୍ ଗୁଟେ ନିଛକ୍ ପ୍ରତିଛବି ଆଏ । ମହିଲାମାନ୍‌କର୍ ସମୃଦ୍ଧି-ବିକଶିତ୍ ଓଡ଼ିଶାର୍ ଲକ୍ଷ୍ୟକେ ତୁର୍‌ତି କର୍‌ବା । ଚଲ୍‌ତି କିସ୍ତିଥି ୨ ଲାଖ୍ ୧୩ ହଜାର୍ ନୂଆଁ ହିତାଧିକାରୀ, ସୁଭଦ୍ରା ଯୋଜ୍‌ନାର୍ ସାହାଜ୍ ଟଙ୍କା ପାଇଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇହାଦେତକ୍ ଇ ଯୋଜ୍‌ନାଥି ୩ ଟା କିସ୍ତି ଜରିଏ ୧୫ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ଡିବିଟି ମାଧମ୍‌ଥି ମହିଲାମାନ୍‌କର୍ ଜମାଖାତାକେ ହସ୍ତାନ୍ତର୍ କରାଯାଇଛେ । ଆଝିରର୍ କାର୍ଯ୍ୟକ୍ରମ୍‌ଥି ପାଖାପାଖି ୫ ହଜାର୍

କୋଟିନୁ ଅଏତ୍କା ଟଙ୍କାର୍ ସାହାଜ୍ ଦିଆଯାଇଥିବାର୍ ମୁଖ୍ୟମନ୍ତ୍ରୀ କହିଛନ୍ ।

ପୁରୀ ଜିଲ୍ଲା ନ ୪ ଲାଖ୍ ୮ ଶହ ୫୪ ଝନ୍ ମହିଲା ସୁଭଦ୍ରା ଯୋଜ୍ନାର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ପାଇଛନ୍ । ଜିଲ୍ଲାର୍ ମହିଲାମାନ୍କୁ ସର୍କାର୍ ୨ ଶହ ୧୦ କୋଟି ୪୨ ଲାଖ୍ ୭୦ ହଜାର୍ ଟଙ୍କା ଦେଇସାରିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଆଇଆଇଏମ୍ ସମ୍ବଲ୍ପୁର୍ ସର୍ଭେ ରିପୋର୍ଟ ଅନ୍ସାରେ ୨୫ ଦଶ୍ମିକ୍ ୫/୨ ପ୍ରତିଶତ୍ ହିତାଧିକାରୀ ସୁଭଦ୍ରା ସାହାଜ୍କେ ବେପାର୍ ମୁଲ୍ କର୍ବାର୍ ଲାଗି ବେଭାର୍ କରିଥିବାର୍ ବେଲେ ୩୫ ଦଶ୍ମିକ୍ ୭ ପ୍ରତିଶତ୍ ମହିଲା ଘରୋଇ ଆବଶ୍ୟକତା ପୁରା କର୍ବାର୍ ଲାଗି ବେଭାର୍ କରିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବିଧାନ୍ସଭାର୍ ବଜେଟ୍ ଅଧିବେଶନ୍ ଆଇ.ଆଣ୍ଡ.ପି.ଆର୍

ସପ୍ତଦଶ ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏବା କାଏଲ୍‌ଠାନୁ ମୁଲ୍ ହେବା । ବରୋଧୀ ମାନ୍‌କର୍ ହୋହଲ୍ଲା ଲାଗି ପହେଲା ଖେପ୍ ଠିକ୍ ଭାବେ ଚାଲି ନାଇଁପାରିଥିବାର୍ ବେଲେ ୨ ନମ୍ବର୍ ଖେପ୍ ସ୍ୱାଭାବିକ୍ ହେବା ବଲି ଆଶା କରାଯାଉଛେ । ବିଧାନ୍‌ସଭା କାର୍ଯ୍ୟସୂଚୀ ଅନ୍‌ସାରେ ଆଏବା କାଏଲ୍ ଭିନ୍ ଭିନ୍ ବିଭାଗ୍‌ର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଗୃହ ନ ଉପସ୍ଥାପିତ୍ ହେବା । ସେନ୍ତା ୧୦ ନୁ ୩୦ ତାରିଖ୍ ତକ୍ ଭିନ୍ ଭିନ୍ ବିଭାଗ୍‌ର ଖର୍ଚ୍ଚା ଦାବି ଭିଲ୍ ଉପସ୍ଥାପିତ୍ ହେବା । ଅଧିବେଶନ୍‌ଥି କେତେଟା ବିଲ୍ ଆଗତ୍ ଆଉ ପାରିତ୍ ହେବାର୍ ସମ୍ଭାବନା ଅଛେ ।

ସିଜିଏଚ୍‌ଏସ୍ ୱେଲ୍‌ନେସ୍ ସେଂଟର        ପି.ଆଇ.ବି.

ସମ୍ବଲ୍‌ପୁର୍ ନ ଖୋବ୍ ଜଲ୍‌ଦି ସିଜିଏଚ୍‌ଏସ୍ ୱେଲ୍‌ନେସ୍ ସେଂଟର୍ ଥାପ୍‌ନା କରାଯିବା ବଲି କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଁ କେନ୍ଦ୍ରର୍ ପ୍ରତିଷ୍ଠା ଲାଗି ଦରକାରୀ ପଦ୍‌ବୀ ଆଉ ଆନୁସଙ୍ଗିକ୍ କାମ୍ ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଉ ଅର୍ଥମନ୍ତ୍ରଣାଳୟ

ତରଫ୍ରୁ ଅନୁମୋଦନ୍ ମିଲିଛେ । ଇ କେନ୍ଦ୍ର ଜରିଏ ସମ୍ବଲ୍‌ପୁର୍ ନ କାମ୍ କରୁଥିବା ଭିନ୍ ଭିନ୍ କେନ୍ଦ୍ରୀୟ ସଂସ୍ଥାର୍ କର୍ମଚାରୀ ଆଉ ସେବାନିବୃତି ପେନ୍‌ସନ୍ ଭୋଗୀମାନେ ଖାସ୍ ଭାବେ ଉପକୃତ ହେବେ । ଗଲା ସେପ୍ଟେମ୍ବର୍ ମାସେ ଇଥିର୍‌ଲାଗି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍- କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଚିଠି ଜରିଏ ଅନୁରୋଧ୍ କରିଥିଲେ । ସମ୍ବଲ୍‌ପୁର୍ ନ ଇ କେନ୍ଦ୍ର ଥାପ୍‌ନା ଲାଗି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜନେଇଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ବଜେଟ୍- ସାମ୍ବାଦିକ୍ ସମ୍ମିଲନୀ ସମ୍ବଲପୁର ସମ୍ବାଦଦାତା

ଆଏବା ଦିନେ ୨୦୩୬ ମସିହାଥି ସମୃଦ୍ଧ ଓଡ଼ିଶା ଗଠନ୍ କର୍‌ବାର୍ ଲକ୍ଷ୍ୟ ନେଇକରି ବଜେଟ୍ ତିଆର୍ କରାଯାଇଛେ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ଓଡ଼ିଶା ବଜେଟ୍‌କେ ନେଇକରି ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ହେଇଥିବା ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି

ଯୋଗ୍ ଦେଇକରି ଶ୍ରୀ ନାଏକ୍ କହିଛନ୍, ୩ ଲାଖ୍ ୧୦ ହଜାର୍ କୋଟି ଟଙ୍କାର୍ ବଜେଟ୍ଥି ସବୁ ଦିଗ୍କେ ଜୋର୍ ଦିଆଯାଇଛେ । ଇ ବଜେଟ୍ ଅନ୍ସାରେ ଜିଲ୍ଲାସ୍ତର୍ଥି ଭିଲ୍ ନିଜର୍ ଯୋଜ୍ନା ତିଆର୍ କରାଯାଇଛେ ।

ନାରୀୟଣୀ ପଣ୍ଡା- ପରଲୋକ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ର ଜନଶୁଣା ସମାଜ୍ସେବୀ ଡାକ୍ତର୍ ନାରୀୟଣୀ ପଣ୍ଡାଙ୍କର୍ ଆଏଜ୍ ସଖାଲେ ପରଲୋକ୍ ହେଇଯାଇଛେ । ମୃତ୍ୟୁବେଲ୍କେ ତାଙ୍କୁଁ ୮୮ ବଛର୍ ବୟସ୍ ହେଇଥିଲା । ସମ୍ବଲ୍ପୁର୍ ସହର୍ ପାଖର୍ କୁକୁଡ଼ାପାଲି ଗାଁର୍ ମୂଳ ବାସିନ୍ଦା ପ୍ରାଣୀ ଚିକିତ୍ସିକ୍ ଡକ୍ଟର୍ ଗଙ୍ଗାସାଗର୍ ପଣ୍ଡାଙ୍କର୍ ଝିଅ ନାରାୟଣୀ ପଣ୍ଡା କଟକ୍ ମେଡ଼ିକାଲ୍ କଲେଜ୍ନ ଏମ୍ବିବିଏସ୍ ଡିଗ୍ରୀ ହାସଲ୍ କଲା ଉତ୍ରୁ ୬୦ ଦଶକଥି ସମ୍ବଲ୍ପୁର୍ର ମୁଖ୍ୟ ଚିକିତ୍ସାଳୟ ନ ପାଖାପାଖି ଦେଢ଼୍ବଛର୍ ଆର୍ ପଛେ ସମ୍ବଲ୍ପୁର୍ ମ୍ୟୁନିସିପାଲ୍ଟି ଅଫିସ୍ ନ ଥିବା ଡାକ୍ତର୍ ଜନାର୍ଦ୍ଦନ୍

ପୂଜାରୀ ମେଟର୍ନିଟି ହାସ୍‌ପାତାଲ୍ ନ ୧୯୯୫ ମସିହାତକ୍ କାମ୍ କରିଥିଲେ ।

ଟି-୨୦ ବିଶ୍ୱକପ୍-ଫାଇନାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ଟି-ଟ୍ୱେଂଟି ବିଶ୍ୱକପ୍ ପୁରୁଷ କ୍ରିକେଟ୍‌ଥି ଆଏଜ୍ ଭାରତ୍-ନ୍ୟୁଜିଲାଣ୍ଡ୍ ଭିତ୍‌ରେ ଫାଇନାଲ୍ ମେଚ୍ ଖେଲାଯାଉଛେ । ଅହମ୍ମଦାବାଦ୍ ନ ଥିବା ପୁର୍‌ଥିର୍ ସବୁନୁ ବଡ଼ ନରେନ୍ଦ୍ର ମୋଦୀ ଷ୍ଟାଡ଼ିୟମ୍ ନ ବେଲବୁଡ଼ର୍ ୭ ବଜେନୁ ମୁଲ୍ ହେଇଥିବା ମେଚ୍‌ଥି ନ୍ୟୁଜିଲାଣ୍ଡ୍ ଦଲ୍ ଟସ୍ ଜିତିକରି ପହେଲା ବୋଲିଂର ନିଷ୍ପତି ନେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ତାକେ ଲାଗିକରି ଥିବା ଉତର୍ ଓଡ଼ିଶାର୍ ବାୟୁମଣ୍ଡଲ୍‌ଥି ସକ୍ରିୟ ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍

ଭିନ୍ ଜିଲ୍ଲାର୍ କେତେଟା ଜାଗା ନ ସମାଏନ୍ ନୁ ମଧମ୍ ଧରଣ୍ର ବର୍ଷା ହେବାର୍ ସମ୍ଭାବନା ରହିଛେ । ବିଜ୍ଲି ଘଡ୍ଘଡ଼ି ସହେତେ ବର୍ଷା ହେବା ବଲି ୮ ଟା ଜିଲ୍ଲାକେ ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।

ଜନଶୁଣାଣି ସମ୍ବଲପୁର ସମ୍ବାଦଦାତା

ଓଡ଼ିଶା ରାଜ୍ୟ ମହିଳା ଆୟୋଗ୍ ଆଉ ଜାତୀୟ ମହିଳା ଆୟୋଗଙ୍କର୍ ମିଲିତ୍ ସହଯୋଗ୍ରୁ ଆଏବା ୧୦ ତାରିଖ୍ ଦିନ ସମ୍ବଲ୍ପୁର୍ ଠାନେ ଗୁଟେ ଜନଶୁଣାଣି କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଜିଲ୍ଲା ପରିଷଦ୍ ସମ୍ବଲ୍ପୁର୍ ସମ୍ମିଲନୀ କକ୍ଷ ନ ଆୟୋଜିତ୍ ହେବା । ଜନଶୁଣାଣି ଜରିଏ ସମ୍ବଲ୍ପୁର୍ ଝାର୍ସୁଗୁଡ଼ା ଆଉ ବର୍ଗଡ୍ ଜିଲ୍ଲାର୍ ମହିଳାମାନ୍କର୍ ଭିନ୍ ଭିନ୍ ସମସ୍ୟା ଆଉ ଅଭିଯୋଗ୍ର ସମାଧାନ୍ କରାଯିବା ।